# ସବୁଜ ସ୍ୱପ୍ନ
## SABUJA SWAPNA


ODISHA UNIVERSITY OF AGRICULTURE & TECHNOLOGY

ତ୍ରୈମାସିକ ସମାଚାର ପତ୍ରିକା (QUARTERLY NEWS LETTER)

କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର (KRISHI VIGYAN KENDRA, JAJPUR)

ପଞ୍ଚଦଶ ବର୍ଷ | ଜୁଲାଇ-ସେପ୍ଟେମ୍ବର, ୨୦୨୨ | ପ୍ରଥମ ସଂଖ୍ୟା


## କୁଳପତିଙ୍କ ବାର୍ତ୍ତା



କୃଷକମାନଙ୍କ ନିକଟରେ କୃଷି ଓ ଆନୁଷଙ୍ଗିକ ବିଷୟରେ ନୂତନ ଜ୍ଞାନକୌଶଳ ପହଞ୍ଚାଇବା ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥାଏ । ଦକ୍ଷତାଭିତ୍ତିକ ତାଲିମ, କ୍ଷେତ୍ର ପରୀକ୍ଷଣ, ପ୍ରଦର୍ଶନୀ କ୍ଷେତ୍ର ଆଦି ମାଧ୍ୟମରେ କୃଷକମାନଙ୍କୁ ନୂତନ କୃଷି କାର୍ଯ୍ୟ ପ୍ରତି ଆକୃଷ୍ଟ କରାଯାଇଥାଏ । ଏହି ଦିଗରେ କୃଷି ବିଜ୍ଞାନ କେନ୍ଦ୍ର ଯାଜପୁର ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର ତରଫରୁ 'ସୁବଜ ସ୍ୱପ୍ନ' ପତ୍ରିକା ପ୍ରକାଶ ପାଉଥିବାର ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଆଶାକରୁଛି ଏହି ପତ୍ରିକା ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ନିକଟରେ ଫଳପ୍ରଦ ଭାବରେ ପହଞ୍ଚାଯାଇପାରିବ ।

ମୁଁ ଏହି ପତ୍ରିକାର ସଫଳତା କାମନା କରୁଅଛି ।

କୁଳପତି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ

## ବରିଷ୍ଠ ବୈଜ୍ଞାନିକଙ୍କ ବାର୍ତ୍ତା



କୃଷି ବଜ୍ଞାନ କେନ୍ଦ୍ର, ଯାଜପୁର ତରଫରୁ ପ୍ରକାଶିତ ପତ୍ରିକା 'ସବୁଜ ସ୍ୱପ୍ନ'ର ପଞ୍ଚଦଶ ବର୍ଷ ପ୍ରଥମ ସଂଖ୍ୟା ପ୍ରକାଶିତ ହେଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । କୃଷି ବିଜ୍ଞାନ କେନ୍ଦ୍ର ଜିଲ୍ଲାର କୃଷି, କୃଷି ପରିସ୍ଥିତି, ଜଳବାୟୁ, ମୃତ୍ତିକା ଓ ଚାଷୀଭାଇ ଓ ଭଉଣୀମାନଙ୍କ ଆର୍ଥିକ ଅବସ୍ଥାକୁ ଗୁରୁତ୍ୱ ଦେଇ ଫସଲର ମାନ ଓ ଉତ୍ପାଦନ ବୃଦ୍ଧି ନିମନ୍ତେ ଚେଷ୍ଟା ଜାରି ରଖିଛି । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ବିଭିନ୍ନ କ୍ଷେତ୍ର ପ୍ରଦର୍ଶନ, କୃଷି ପ୍ରଦର୍ଶନୀ, କୃଷକ ଓ ବୈଜ୍ଞାନିକ ଆଲୋଚନା ଚକ୍ର ଓ କିଷାନ ମୋବାଇଲ ବାର୍ତ୍ତା ଦ୍ୱାରା ବିଭିନ୍ନ ସମୟରେ କୃଷି ଓ ଆନୁଷଙ୍ଗିକ କୃଷି, ପାଣିପାଗ ସମ୍ବନ୍ଧୀୟ ତଥ୍ୟ କୃଷକ ଭାଇ ଓ ଭଉଣୀମାନଙ୍କ ପାଖରେ ପହଞ୍ଚାଇଥାନ୍ତି । ଏହି ପତ୍ରିକାର ପ୍ରକାଶିତ ତଥ୍ୟ କୃଷକମାନଙ୍କ ଉନ୍ନତିରେ ସହାୟକ ହେବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର

## ସମ୍ପ୍ରସାରଣ ଅଧ୍ୟକ୍ଷଙ୍କ ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର ତରଫରୁ ପ୍ରକାଶିତ ସମାଚାର ପତ୍ରିକା ସବୁଜ ସ୍ୱପ୍ନର ପଞ୍ଚଦଶ ବର୍ଷ ପ୍ରଥମ ସଂସ୍କରଣ ପ୍ରକାଶିତ ହେଉଥିବାର ଜାଣି ମୁଁ ବେଶ୍ ଖୁସି ଓ ଆନନ୍ଦ ପ୍ରକାଶ କରୁଛି । ଭୌଗୋଳିକ ଅବସ୍ଥିତି ଓ ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି କୃଷି ଓ ଆନୁଷଙ୍ଗିକ କୃଷିରେ କୃଷି ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତା'ର ଉଦ୍ୟମ ଜାରି ରଖିଛି । ଯାଜପୁର ଏକ କୃଷି ବହୁଳ ଜିଲ୍ଲା ହୋଇଥିବାରୁ କୃଷି ତଥା କୃଷକର ଉନ୍ନତି ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ, ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ଓ ବିଭିନ୍ନ ନୂତନ ଜ୍ଞାନକୌଶଳ ପରୀକ୍ଷଣ ଯୋଗୁଁ ଆଧୁନିକ କୃଷି କୌଶଳର ସମ୍ପ୍ରସାରଣ ସମ୍ଭବ ହୋଇପାରୁଛି । ଏହାଛଡ଼ା ସୀମିତ ସମ୍ବଳରୁ କମ୍ ଖର୍ଚ୍ଚରେ କିପରି ଚାଷୀମାନଙ୍କ ଆୟ ଦ୍ୱିଗୁଣିତ ହୋଇପାରିବ ସେଥିପାଇଁ କୃଷି ଓ ଆନୁଷଙ୍ଗିକ କୃଷି ଉପରେ କେନ୍ଦ୍ର ସର୍ବଦା ଚେଷ୍ଟା କରି ଆସିଛି । ଏଥିପାଇଁ ସମନ୍ୱିତ କୃଷି ପ୍ରଣାଳୀ, ବୈଜ୍ଞାନିକ ପଦ୍ଧତିରେ ଫସଲ ଚାଷ, କୁକୁଡ଼ା ପାଳନ, ଛେଳି ପାଳନ, ଛତୁ ଚାଷ, ଗୋପାଳନ, ମୂଲ୍ୟଯୁକ୍ତ ଖାଦ୍ୟ ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ଇତ୍ୟାଦି ପଦ୍ଧତି ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହି ପତ୍ରିକା ମାଧ୍ୟମରେ ଯାଜପୁର ଜିଲ୍ଲାର ଚାଷୀଭାଇମାନଙ୍କର ଚାଷ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନର ମାର୍ଗ ଦର୍ଶନ କରିବା ସଙ୍ଗେ ସଙ୍ଗେ ଉନ୍ନତ ଜ୍ଞାନକୌଶଳ ପ୍ରସାରଣରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ । ଏହି ପତ୍ରିକାର ଉତ୍ତୋରତ୍ତର ଉନ୍ନତି କାମନା କରୁଛି ।

ଅଧ୍ୟକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର